VIEWS
Empowering People

UNITED STATES CONSULATE GENERAL
HYDERABAD



# ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ରିପୋର୍ଟିଂ

## ସାମ୍ବାଦିକଙ୍କ ପାଇଁ ଟୁଲ୍‌କିଟ୍



ଜଳବାୟୁ ପରିବର୍ତ୍ତନ ଏକ ବଡ଼ ବୈଶ୍ୱିକ ସଙ୍କଟ ଯାହା ବିଗତ ଦୁଇ ଦଶନ୍ଧି ଧରି ଖବରର ଶିରୋନାମାରେ ରହିଆସିଛି । ଆରମ୍ଭରୁ ଏହା ବିଜ୍ଞାନ ସମ୍ପର୍କିତ ଏକ ପ୍ରସଙ୍ଗ ଭାବରେ କେବଳ ବୈଜ୍ଞାନିକ ଗବେଷଣା ପତ୍ର ଆଉ ସଭାସମିତିର ଆଲୋଚନା ଭିତରେ ସୀମିତ ରହିଥିଲା । ଏଥିରେ କେବଳ ବୈଜ୍ଞାନିକ, ଜଳବାୟୁ ଆଉ ପାଣିପାଗ ବିଶେଷଜ୍ଞ, ପରିବେଶବିତ୍‌ମାନେ ଆଗ୍ରହ ଦେଖାଉଥିଲେ । ମାତ୍ର ବିଗତ କିଛି ବର୍ଷ ମଧ୍ୟରେ ଏହା ଏକ ବହୁମଖୀ ପ୍ରସଙ୍ଗ ଭାବରେ ଉଭା ହୋଇଛି । ଏବେ ଖାଦ୍ୟ, କୃଷି, ଜୀବିକା, ବ୍ୟବସାୟ, ଶକ୍ତି, ଅର୍ଥବ୍ୟବସ୍ଥା, ଖାଉଟି ବ୍ୟାପାର, ପରିବହନ, ଦେଶାନ୍ତରଗମନ ଭଳି ଅନେକ କ୍ଷେତ୍ରକୁ ଏହା ସିଧାସଳଖ ପ୍ରଭାବିତ କଲାଣି । ଜଳବାୟୁ ପରିବର୍ତ୍ତନର ବଢ଼ି ଚାଲିଥିବା ବିପଦ ଏବଂ ବିଭିନ୍ନ କ୍ଷେତ୍ରରେ ପଡୁଥିବା ଏହାର ପ୍ରଭାବ ଏବେ ଏମିତି ସ୍ଥିତି ସୃଷ୍ଟି କରି ସାରିଲାଣି ଯାହାକୁ ସାମ୍ବାଦିକମାନେ ଗଭୀର ଭାବରେ ବୁଝିବା ଆଉ ଜାଣିବା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି ।



ଜଳବାୟୁ ପରିବର୍ତ୍ତନର ପ୍ରଭାବ ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ଦୃଷ୍ଟିକୋଣକୁ ବଦଳେଇବାରେ ସାମ୍ବାଦିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇ ପାରିବେ ଯାହା ସରକାରୀ ନୀତିନିଷ୍ପତିକୁ ମଧ୍ୟ ପ୍ରଭାବିତ କରିପାରିବ । ଏଥିପାଇଁ କିନ୍ତୁ ସେମାନଙ୍କୁ ଦରକାର ବିଭିନ୍ନ ସଂସାଧନ ସାମଗ୍ରୀ ବା ଉପଯୁକ୍ତ ତଥ୍ୟ ଆଉ ସୂଚନା ଯାହା ସେମାନଙ୍କ କାହାଣୀକୁ ଶକ୍ତିଶାଳୀ କରିବା ସହ ଲୋକଙ୍କ ହୃଦୟକୁ ମଧ୍ୟ ଛୁଇଁପାରିବ । ଏସବୁ ଅନୁଭବ କରିବା ପରେ ସାମ୍ବାଦିକଙ୍କ ପାଇଁ ଏକ ଟୁଲ୍‌କିଟ୍ ପ୍ରସ୍ତୁତ କରିବାର ଚିନ୍ତାଧାରା ଜନ୍ମ ନେଇଛି ।

ଏହି ଟୁଲ୍‌କିଟ୍ ଯୁବ ସାମ୍ବାଦିକଙ୍କୁ ଜଳବାୟୁ ପରିବର୍ତ୍ତନର ମୌଳିକ କଥାଗୁଡ଼ିକୁ ବୁଝିବାରେ ସହାୟକ ହେବା ସହ କୃଷି, ଶିକ୍ଷା, ଲିଙ୍ଗଗତ ପ୍ରସଙ୍ଗ, ଦେଶାନ୍ତରଗମନ, ପରିବେଶ, ଅର୍ଥନୀତି ସହ ଜଳବାୟୁ ପରିବର୍ତ୍ତନର କ'ଣ ସମ୍ପର୍କ ଆଉ ସଂଯୋଗ ରହିଛି ସେ ବାବଦରେ ଜାଣିବାକୁ ସହାଯ୍ୟ କରିବ ଯାହା ଫଳରେ ସେମାନେ ସାମଗ୍ରିକ ଦୃଷ୍ଟିକୋଣରୁ ବା ସବୁଦିଗରୁ ଏକ ପୂର୍ଣ୍ଣାଙ୍ଗ କାହାଣୀ ପ୍ରସ୍ତୁତ କରିପାରିବେ । ଏହି ଦସ୍ତାବିଜ୍‌ଟି ସାମ୍ବାଦିକଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଖବର ସଂଗ୍ରହ ତଥା ରିପୋର୍ଟିଂ ଦିଗରେ ଦକ୍ଷତା ଅର୍ଜନ ପାଇଁ ସହାୟକ ହୋଇପାରିବ ।




# ଜଳବାୟୁ ପରିବର୍ତ୍ତନର ମୂଳକଥା ଜାଣନ୍ତୁ



## ପାଣିପାଗ, ଜଳବାୟୁ ଏବଂ ଋତୁ ମଧ୍ୟରେ ପାର୍ଥକ୍ୟ କ'ଣ ?

ପାଗ ବା ପାଣିପାଗ ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନ ବା ଅଂଚଳର, ବାୟୁମଣ୍ଡଳୀୟ ସ୍ଥିତି । ଅନ୍ୟ ଅର୍ଥରେ କହିବାକୁ ଗଲେ ପାଣିପାଗ ହେଉଛି ତାପମାତ୍ରା, ଆଦ୍ରତା ପରିମାପ ଏବଂ ବାୟୁ ଚଳାଚଳକୁ ନେଇ ସମୟକୁ ସମୟ ସୃଷ୍ଟି ହେଉଥିବା ବାୟୁମଣ୍ଡଳୀୟ ସ୍ଥିତି । ତେଣୁ ଆମେ ଯେତେବେଳେ ଦୈନିକ ବାୟୁମଣ୍ଡଳର ଅବସ୍ଥା ବା ସ୍ଥିତି ବିଷୟରେ କଥା ହେଉ ସେତେବେଳେ ପାଣିପାଗ ଶବ୍ଦ ବ୍ୟବହାର କରିଥାଉ ।

ଅନ୍ୟ ଅର୍ଥରେ ଜଳବାୟୁ ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳରେ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଲାଗି ରହୁଥିବା ହାରାହାରି ପାଣିପାଗର ସ୍ଥିତି । ତେଣୁ ଆମେ ଯେତେବେଳେ ଜଳବାୟୁ ବିଷୟରେ କିଛି କହିଥାଉ ତାହା ଏକ ଲମ୍ବା ଅବଧିକୁ ହିଁ ବୁଝାଇଥାଏ । (ସାଧାରଣତଃ ୩୦ ବର୍ଷର ଅବଧି)

ପାଣିପାଗ ଆଉ ଜଳବାୟୁ ମଧ୍ୟରେ ପାର୍ଥକ୍ୟ ହେଲା ସମୟ ବା କାଳଖଣ୍ଡର ଅବଧି । ଲୋକମାନେ ପାଣିପାଗକୁ ସିଧାସଳଖ ବା ସହଜ ଭାବରେ ବୁଝିପାରନ୍ତି ମାତ୍ର ଜଳବାୟୁକୁ ବୁଝିବା ସହଜ ହୁଏନାହିଁ । ଆମ ପୃଥିବୀରେ ଭିନ୍ନ ଭିନ୍ନ ସ୍ଥାନ ତଥା ଅଂଚଳରେ ଜଳବାୟୁର ଭିନ୍ନ ଭିନ୍ନ ସ୍ଥିତି ରହିଥାଏ । ହିମାଳୟ ଅଂଚଳରେ ଥଣ୍ଡା ଜଳବାୟୁ, ମରୁଭୂମି ଅଂଚଳରେ ଉଷ୍ମ ଜଳବାୟୁ ରହିଥାଏ । ଯେମିତିକି ନଭେମ୍ବରରୁ ଫେବୃଆରୀ ମଧ୍ୟରେ ବା ଶୀତ ଋତୁରେ ଜଳବାୟୁ ଥଣ୍ଡା ରୁହେ । ତେଣୁ ଶୀତଋତୁରେ ଶୀତ ହେବବୋଲି ଜାଣିଥିବାରୁ ଆମେ ସେହି ଅନୁସାରେ ଶୀତବସ୍ତ୍ର ଯୋଗାଡ଼ କରିଥାଉ ଆଉ ସେସବୁକୁ ବ୍ୟବହାର କରୁ ଯାହା ଉଷ୍ମତା ପ୍ରଦାନ କରିଥାଏ । ଏହା ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳରେ ଗୋଟିଏ ନିର୍ଦ୍ଦିଷ୍ଟ ଅବଧି ପାଇଁ ରହୁଥିବା ଜଳବାୟୁର ସ୍ଥିତି । ଏପରିକି ଶୀତଋତୁରେ ମଧ୍ୟ ଆମେ ବର୍ଷା ହେବାର ଆଉ ଖରାପାଗ ଥିବାର ଦେଖିଥାଉ । ଏହା ହେଉଛି ପାଣିପାଗର ଗୋଟିଏ ଗୋଟିଏ ଉଦାହରଣ ।

ସେହିପରି ଋତୁ ହେଉଛି ଗୋଟିଏ ବର୍ଷରେ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସୃଷ୍ଟି ହେଉଥିବା ପାଣିପାଗର ଏକ ରୂପ, ଅବସ୍ଥା ବା ସ୍ଥିତି । ପୃଥିବୀର ଅଧିକାଂଶ ଅଂଚଳରେ ପ୍ରତିବର୍ଷ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ ଆଉ ଶୀତର ଏକ ନିର୍ଦ୍ଦିଷ୍ଟ ଅବସ୍ଥା ଦେଖିବାକୁ ମିଳିଥାଏ । ପ୍ରତିବର୍ଷ ଋତୁଚକ୍ରର ପୁନରାବୃତି ହୁଏ ମାତ୍ର ନିର୍ଦ୍ଦିଷ୍ଟ ପାଣିପାଗ ସ୍ଥିତିରେ ପରିବର୍ତ୍ତନ ଆସିପାରେ ।

## ଜଳବାୟୁ ପରିବର୍ତ୍ତନ କ'ଣ ?

ଜଳବାୟୁ ପରିବର୍ତ୍ତନ ହେଉଛି ପାଣିପାଗ, ସମୁଦ୍ର, ଭୂପୃଷ୍ଠ ଏବଂ ବରଫ ଖଣ୍ଡର ସ୍ଥିତିରେ ପରିବର୍ତ୍ତନ ଯାହା ଦଶନ୍ଧି ପରେ ଦଶନ୍ଧି ବା ଏକ ଲମ୍ବା ସମୟ ଅବଧି ଧରି ଘଟି ଚାଲିଥାଏ । ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ କହିଲେ ଜୀବାଶ୍ମ ଇନ୍ଧନ ବ୍ୟବହାରରେ ବୃଦ୍ଧି ଘଟିବା ଯୋଗୁଁ ବୃଦ୍ଧି ପାଉଥିବା ବୈଶ୍ୱିକ ତାପମାତ୍ରା ଯାହା ଜଳବାୟୁ ପରିବର୍ତ୍ତନର କାରଣ ସାଜିଛି ।

ଯଦିଓ ଜଳବାୟୁ ପରିବର୍ତ୍ତନ ଏକ ପ୍ରାକୃତିକ ଘଟଣା ମାତ୍ର ବିଗତ କିଛି ଦଶନ୍ଧି ମଧ୍ୟରେ ଅସ୍ୱାଭାବିକ ଏବଂ ଦୃତ ଭାବରେ ହେଉଥିବା ଜଳବାୟୁ ପରିବର୍ତ୍ତନ ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟକୃତ । ମନୁଷ୍ୟକୃତ କାରଣ ଯୋଗୁଁ ପ୍ରଚୁର ପରିମାଣରେ ସବୁଜଗୃହ ବାଷ୍ପ ନିର୍ଗମନ ହେଉଛି ଏବଂ ବୈଶ୍ୱିକ ତାପମାତ୍ର ବୃଦ୍ଧି ପାଇବାରେ ଲାଗିଛି ।

ଜଳବାୟୁ ପରିବର୍ତ୍ତନ ଉତ୍କଟ ଆଉ ତୀବ୍ର ପାଣିପାଗ ସ୍ଥିତି ସୃଷ୍ଟିକରି ଝଡ଼ବାତ୍ୟା, ମରୁଡ଼ି, ସୁନାମି, ସ୍ୱଳ୍ପବୃଷ୍ଟି, ଅଚାନକ ବନ୍ୟା ଇତ୍ୟାଦିକୁ ଡାକି ଆଣୁଛି । ଏହି ସ୍ଥିତି ସମୟକୁ ସମୟ ଅଧିକ ଗମ୍ଭୀର ହେବାରେ ଲାଗିଛ। ଆଗକୁ ଏହା ଏକ ବଡ଼ ବିପର୍ଯ୍ୟୟର କାରଣ ହୋଇପାରେ ।

## ଜଳବାୟୁ ପରିବର୍ତ୍ତନର କାରଣ କ'ଣ ?

ଆମ ଘର/କୋଠରୀକୁ କୃତିମ ଭାବରେ ଥଣ୍ଡା କିମ୍ବା ଉଷ୍ମ କରିବା, ପରିବହନ ପାଇଁ ଯାନବାହନରେ ଜୀବଶ୍ମ ଇନ୍ଧନର ବ୍ୟବହାର, ପଶୁପାଳନ ଭଳି ଅନେକ କାର୍ଯ୍ୟ ଆମେ କରିଥାଉ ଯାହା କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ ଏବଂ ଅନ୍ୟ କିଛି ଗ୍ୟାସ୍ ସୃଷ୍ଟି କରେ । ଏହା ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ସବୁଜଗୃହ ବାଷ୍ପ ଭାବରେ ପରିଚିତ । ଯେତେବେଳେ ଏହିସବୁ ଗ୍ୟାସ୍ ବାୟୁମଣ୍ଡଳରେ କେନ୍ଦ୍ରୀଭୂତ ହୁଏ ତାହା ଏକ ପ୍ରକାର ସ୍ତର ସୃଷ୍ଟିକରେ ଏବଂ ସବୁଜଗୃହ ଭଳି କାମ କରିଥାଏ । ଏହା ବାୟୁମଣ୍ଡଳରେ ସୌର ବିକିରଣକୁ ଅବରୋଧ କରିଥାଏ ଫଳରେ ତାପମାତ୍ରା ବଢ଼ିଯାଏ । ଏହି କାରଣଟି ବୈଶ୍ୱିକ ବା ଭୂମଣ୍ଡଳୀୟ ତାପମାତ୍ରା ବଢ଼ିବା ପାଇଁ ଦାୟୀ ଯାହା ପୃଥିବୀପୃଷ୍ଠର ତାପମାତ୍ରାରେ ହାରାହାରି ୩୦ ବର୍ଷ ଅବଧି ମଧ୍ୟରେ ଘଟିଥାଏ ।

## ଏହାର ପ୍ରମୁଖ କାରଣଗୁଡ଼ିକ କ'ଣ ?

ଜଳବାୟୁ ପରିବର୍ତ୍ତନର ଦୁଇଟି ପ୍ରମୁଖ କାରଣ ହେଉଛି, ସବୁଜଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ଏବଂ ଏହିସବୁ ବାଷ୍ପକୁ ଅବଶୋଷଣ କରିବାରେ ବାୟୁମଣ୍ଡଳର କ୍ଷମତାରେ ହ୍ରାସ । ଅନ୍ୟପକ୍ଷରେ ଆମେମାନେ ମଧ୍ୟ ବାହାରେ ଅଳିଆ ଆବର୍ଜନା ବା ବର୍ଜ୍ୟବସ୍ତୁ ଫିଙ୍ଗିବା ଦ୍ୱାରା ବାୟୁମଣ୍ଡଳରେ ମିଥେନ୍ ଭଳି ସବୁଜଗୃହ ଗ୍ୟାସ୍‌ରେ ବୃଦ୍ଧି ଘଟୁଛି । ଏହା ସହିତ ବ୍ୟାପକ ବୃକ୍ଷହାନୀ, ସାମୁଦ୍ରିକ ଗତିବିଧିରେ ପରିବର୍ତ୍ତନ ଏବଂ ମୃତିକା ଅବକ୍ଷୟ ଇତ୍ୟାଦି ଜଙ୍ଗଲ, ହେନ୍ତାଳ ବଣ, ମୃତିକା ଆଉ ସମୁଦ୍ରର ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସ୍ ଅବଶୋଷଣ କରିବାର କ୍ଷମତା ହ୍ରାସ କରୁଛି । ଏସବୁ ସୌର ବିକିରଣକୁ ବାୟୁମଣ୍ଡଳରେ ବନ୍ଦ କରିରଖୁଛି ଫଳରେ ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଉଛି ।

## ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ପ୍ରାକ୍ ଶିଳ୍ପବିପ୍ଳବ ସମୟରେ ତାପମାତ୍ରା ଯାହା ରହିଥିଲା ପରେ ମଣିଷର କାର୍ଯ୍ୟକଳାପ ଯୋଗୁଁ ସେଥିରେ ହାରାହାରି ୧.୨ ଡିଗ୍ରୀ ବୃଦ୍ଧିଘଟିଛି । ଯଦି ଏହି ଧାରା ବଜାୟ ରୁହେ ଏବଂ ୧.୫ ଡିଗ୍ରୀ ଟପିଯାଏ ତେବେ ପରିଣାମ ଅତି ଭୟାବହ ହୋଇପଡ଼ିବ । ଏଥିରେ ବିଶେଷ ଭାବରେ ଅତିଗରିବ ଏବଂ ଦୁର୍ବଳ ଦେଶ ଓ ଜନସମୁଦାୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ବାସ୍ତବ ଚିତ୍ର ହେଲା ଜଳବାୟୁ ପରିବର୍ତ୍ତନ, ପାଣିପାଗର ବିଷମ ସ୍ଥିତି ଏବଂ ଏଥିଯୋଗୁଁ କୃଷିକ୍ଷେତ୍ରରେ ଦେଖା ଦେଇଥିବା ସଙ୍କଟ ଯଥା ବନ୍ୟା, ବାତ୍ୟା ଓ ମରୁଡ଼ି କାରଣରୁ କ୍ଷତିଗ୍ରସ୍ତ ଜନସମୁଦାୟ ମଧ୍ୟରୁ ଅନେକ ଏହା ମଧ୍ୟରେ ଦେଶାନ୍ତର ଗମନ କରିବାକୁ ବାଧ ହୋଇଛନ୍ତି ।



## ଜଳବାୟୁ ପରିବର୍ତ୍ତନର ପରିଣାମ ସବୁ କ'ଣ ?

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ପରିଣାମ-ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଜାଣିବା ନିହାତି ଗୁରୁତ୍ୱପୂର୍ଣ୍ଣ । ପରିଣାମ ଦୁଇ ପ୍ରକାରର ରହିଛି । ହାରାହାରି ତାପମାତ୍ରାରେ ପରିବର୍ତ୍ତନ ଏବଂ ଅତ୍ୟଧିକ ଭାବରେ ବୃଦ୍ଧି ପାଉଥିବା ପାଣିପାଗ ସ୍ଥିତି ଯୋଗୁଁ ସୃଷ୍ଟି ହେଉଥିବା ବନ୍ୟା, ମରୁଡ଼ି ଭଳି ଅବସ୍ଥା । ଏହି ପରିଣାମ ବିଭିନ୍ନ ଉପାୟରେ ଆମ ଜୀବନଧାରଣ ଶୈଳୀ ଉପରେ ପ୍ରଭାବ ପକାଇଥାଏ । ଉଦାହରଣ ସ୍ୱରୂପ, କୌଣସି ଅଂଚଳରେ ଗୋଟିଏ ବର୍ଷରେ ହେଉଥିବା ସ୍ୱାଭାବିକ ବର୍ଷା ପରିମାଣରେ ଯଦି ହ୍ରାସ ଘଟେ ତେବେ ସେହି ଅଂଚଳରେ ମରୁଡ଼ି ପଡ଼ିପାରେ ଏବଂ ଅଧିକାଂଶ ଲୋକ ଜୀବନଜୀବିକା ପାଇଁ ସହରାଂଚଳକୁ ସ୍ଥାନାନ୍ତରିତ ପାରନ୍ତି । ଏହା ସହିତ ବାରମ୍ବାର ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବା ଫଳରେ ସମୁଦ୍ର କୂଳ ଲଙ୍ଘିବ ଏବଂ ଉପକୂଳବର୍ତ୍ତୀ ଗାଁର ଲୋକମାନେ ଅନ୍ୟ ନିରାପଦ ଅଂଚଳକୁ ଯିବାକୁ ବାଧ ହେବେ । ଅଧିକ ବର୍ଷା ଯୋଗୁଁ ମଧ ସହର ପାଶ୍ୱବର୍ତ୍ତୀ ଖାଲୁଆ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ବାରମ୍ବାର ଜଳବନ୍ଦୀ ଭଳି ସମସ୍ୟା ଭୋଗିବାକୁ ପଡ଼ିଥାଏ ।

### ଏପରି କିଛି ଉଦାହରଣ:

### ଗ୍ରୀଷ୍ମ ଲହର:-

ଗ୍ରୀଷ୍ମ ଲହର ହେଉଛି ଗ୍ରୀଷ୍ମଋତୁରେ ସାଧାରଣ ତାପମାତ୍ରାଠାରୁ ସୃଷ୍ଟି ହେଉଥିବା ଅଧିକ ଉତାପ ଯାହା ଲମ୍ବା ସମୟ ଯାଏ ଜାରି ରହିଥାଏ । ଗ୍ରୀଷ୍ମ ଲହର ସାଧାରଣତଃ ମାର୍ଚ୍ଚ ଆଉ ଜୁନ୍ ମଧ୍ୟରେ ସୃଷ୍ଟି ହୋଇଥାଏ । ପୃଥିବୀର ବାୟୁମଣ୍ଡଳ ଏବଂ ଭୂପୃଷ୍ଠ ଅତ୍ୟଧିକ ଉଷ୍ମ ରହିଲେ ଅଧିକ ଗରମ ବଢ଼ିବ ଏବଂ ଗ୍ରୀଷ୍ମ ଲହର ସୃଷ୍ଟି ହୋଇ ବିଭିନ୍ନ ଅଂଚଳ ପାଇଁ ବିପଦର କାରଣ ପାଲଟିବ । ସ୍ୱାସ୍ଥ୍ୟ ଉପରେ ଗ୍ରୀଷ୍ମ ଲହରୀର ପ୍ରଭାବ ହେଲା ଜଳଶୁଷ୍କତା, ମାଂଶପେଶୀ ସଂକୋଚନ, ଅତ୍ୟଧିକ ଥକ୍କାପଣ, ଲୁ ଇତ୍ୟାଦି ଦେଖାଦେବା । ୧୯୯୨ ମସିହା ପରଠାରୁ ଆଜିଯାଏ ପାଖାପାଖି ୨୫ ହଜାର ଭାରତୀୟ ଗ୍ରୀଷ୍ମ ଲହରୀ ଯୋଗୁଁ ମୃତ୍ୟୁବରଣ କରିଥିବାର ଆକଳନ କରାଯାଇଛି । ୧୯୯୮ମସିହାରେ ଓଡ଼ିଶାରେ ପ୍ରାୟ ୧ହଜାର ଲୋକ ଏହି କାରଣରୁ ମୃତ୍ୟୁମୁଖରେ ପଡ଼ିଥିଲେ ।


### ମରୁଡ଼ି:-

ଭାରତରେ ଏବେ ମରୁଡ଼ି ବା ମରୁଡ଼ି ଭଳି ପରିସ୍ଥିତି ଏକ ସାଧାରଣ ଘଟଣା ହୋଇଗଲାଣି । ମୌସୁମୀରେ ଅନିୟମିତତା ଯୋଗୁଁ ଅନାବୃଷ୍ଟି ଏବଂ ଅନାବୃଷ୍ଟି ଯୋଗୁଁ ଉତ୍କଟ ମରୁଡ଼ି ଅବସ୍ଥା ଦେଖାଦିଏ । ୨୦୧୩-୧୪-୧୫ରେ ଭାରତ ଲଗାତାର ମରୁଡ଼ି ପରିସ୍ଥିତିର ସାମ୍ନା କରିଛି । ଆମ ରାଜ୍ୟରେ ମଧ ସ୍ୱଳ୍ପବୃଷ୍ଟି ଏବଂ ମରୁଡ଼ି ଭଳି ପରିସ୍ଥିତି ପଶ୍ଚିମ ଓଡ଼ିଶାର ଗ୍ରାମାଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ଯାଇ ଇଟାଭାଟିରେ କାମ କରିବାକୁ ବାଧ କରିଥାଏ ।

### ବାତ୍ୟା ବା ଚକ୍ରବାତ:-

ବାତ୍ୟା ହେଉଛି ଚକ୍ରାକାରରେ ଘୁରୁଥିବା ପ୍ରଖର ପବନ ବା ବାୟୁସ୍ରୋତ ଯାହା ଲଘୁଚାପ ଏବଂ ଝଡ଼ତୋଫାନ ସହିତ ଘଟିଥାଏ । ଭାରତର ୭୫୧୭ କିମି ବିଶିଷ୍ଟ ସୁଦୀର୍ଘ ସମୁଦ୍ର ରେଖା ରହିଛି । ପୂର୍ବ ଉପକୂଳରେ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର, ତାମିଲନାଡୁ ଭଳି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀ, ପଶ୍ଚିମ ଉପକୂଳରେ ଗୁଜୁରାଟ ସହ ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପ ଅଧିକ ବାତ୍ୟା ବିପର୍ଯ୍ୟୟ ପ୍ରବଣ ବୋଲି ଚିହ୍ନଟ ହୋଇସାରିଛି । ସମୁଦାୟ ଜନସଂଖ୍ୟାର ୪୦ ପ୍ରତିଶତ ଲୋକ ସମୁଦ୍ର ଉପକୂଳରୁ ୧୦୦ କିମି ମଧ୍ୟରେ ବସବାସ କରନ୍ତି । ବାରମ୍ବାର ଝଡ଼ବାତ୍ୟା ଯୋଗୁଁ ସେମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି, ଜୀବିକା ଅର୍ଜନର ସୁବିଧା ସୁଯୋଗ ହ୍ରାସ ପାଏ, ସରକାରୀ ଏବଂ ବେସରକାରୀ ସମ୍ପତି ନଷ୍ଟ ହୁଏ ଏବଂ ଅନେକ ନିର୍ମାଣ ଆଉ ଭିତିଭୂମି ମଧ ବିପୁଳ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଦେଶର ପ୍ରାୟ ୩୨ କୋଟି ଲୋକ ବାତ୍ୟାଜନିତ ବିପଦର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଏବଂ ଏହା ଯୋଗୁଁ ବୃଦ୍ଧି ପାଉଥିବା ସମୁଦ୍ରର ଜଳସ୍ତର ଉପକୂଳ ଅଂଚଳରେ ଥିବା ଲୋକମାନଙ୍କୁ ଅଧିକ ବିପଦମୁହାଁ କରିଛି ।

୧୯୯୯ ମସିହା ପରଠାରୁ ଓଡ଼ିଶା ପ୍ରାୟ ୧୦ଟି ବଡ଼ ବାତ୍ୟା ଦେଖି ସାରିଲାଣି ଏବଂ ଅକ୍ଟୋବର ମାସଟି ବାତ୍ୟାର ମାସ ଭାବରେ ପରିଚିତ ହୋଇଛି । ୧୯୯୯ ଅକ୍ଟୋବର ୨୯ ତାରିଖରେ ଘଟିଥିବା ଭୟାବହ ମହାବାତ୍ୟା ଉପକୂଳ ଜିଲ୍ଲା ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ାରେ ୧୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା ।









## ଜଳବାୟୁ ପରିବର୍ତ୍ତନ ଯୋଗୁଁ କିଏ ଅଧିକ ସଙ୍କଟଗ୍ରସ୍ତ ହେବାର ଆଶଙ୍କା ରହିଛି?

ଗରିବ ଏବଂ ଉପେକ୍ଷିତ ସମୁଦାୟର ଲୋକମାନେ ହିଁ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବେଶି କ୍ଷତିଗ୍ରସ୍ତ ହୁଅନ୍ତି ଯଦିଓ ସବୁଜଗୃହ ବାଷ୍ପ ନିର୍ଗମନ ପାଇଁ ଧନୀକ ଶ୍ରେଣୀର ଲୋକଙ୍କ ତୁଳନାରେ ସେମାନଙ୍କ ଭୂମିକା ବହୁତ କମ୍ । ସଙ୍କଟଗ୍ରସ୍ତ ସମୁଦାୟ ମଧ୍ୟରେ ଅଛନ୍ତି ଆଦିବାସୀ, ଦଳିତ, ମହିଳା, ଶିଶୁ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଧାର୍ମିକ ସଂଖ୍ୟାଲଘୁ, ଲିଙ୍ଗଗତ ସଂଖ୍ୟାଲଘୁ, ରୋଗଗ୍ରସ୍ତ ବ୍ୟକ୍ତି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ- ସଙ୍କଟଗ୍ରସ୍ତ ସମୁଦାୟ ଉପରେ ପ୍ରଭାବ

ଚାଷବାସରେ କ୍ଷତି- ଜଳବାୟୁ ପରିବର୍ତ୍ତନର ପ୍ରଭାବରେ କୃଷି ଉତ୍ପାଦନ ବାଧାପ୍ରାପ୍ତ ହୁଏ । ପରିବାରରେ ଖାଦ୍ୟ ଅଭାବ ଦେଖାଦିଏ । ମହିଳାମାନେ ଅଧିକ କାମ କରିବାକୁ ବାଧ୍ୟ ହୁଅନ୍ତି । ଉଭୟ ଶିଶୁ ଓ ମହିଳା ଅପପୁଷ୍ଟିର ଶୀକାର ହୁଅନ୍ତି । ଚାଷୀ ଆତ୍ମହତ୍ୟା ବୃଦ୍ଧିପାଏ ।

ଜାଳେଣି ଅଭାବ- ଜଳବାୟୁ ପରିବର୍ତ୍ତନ ଦ୍ୱାରା ଜାଳେଣି ଅଭାବ ଦେଖାଯିବା ଯୋଗୁଁ ଏଥିପାଇଁ ପରିବାର ସଦସ୍ୟଙ୍କୁ ଅଧିକ ସମୟ ବ୍ୟୟ କରିବାକୁ ପଡ଼େ । ମହିଳାଙ୍କ କାର୍ଯ୍ୟଭାର ବଢ଼ିଯାଏ । ପାଠ ପଢୁଆ ଝିଅମାନେ ସ୍କୁଲ୍ ଯିବା ବନ୍ଦ କରିଦିଅନ୍ତି ।

ଜଳାଭାବ – ଜଳବାୟୁ ପରିବର୍ତ୍ତନ ଦ୍ୱାରା ଜଳାଭାବ ଭଳି ପରିସ୍ଥିତି ସୃଷ୍ଟି ହେବାରୁ ପାଣି ଦୂଷିତ ହୁଏ । ବ୍ୟବହାରଯୋଗ୍ୟ ବିଶୁଦ୍ଧ ପାଣି ସଂଗ୍ରହ ପାଇଁ ଅଧିକ ସମୟ ବ୍ୟୟ କରିବାକୁ ପଡ଼େ । ମହିଳାଙ୍କ କାର୍ଯ୍ୟଭାର ବଢ଼ିଯାଏ । ପାଠ ପଢୁଆ ଝିଅମାନେ ସ୍କୁଲ୍ ଯିବା ବନ୍ଦ କରିଦିଅନ୍ତି ।

ଗ୍ରୀଷ୍ମ ଲହରୀ-ରିକ୍ସା ଚାଳକ, ରାସ୍ତାପାଶ୍ୱର୍ ବିକ୍ରେତା, ଗୃହହୀନ ଯେଉଁମାନେ ଜୀବନଜୀବିକା ପାଇଁ ଖୋଲା ଆକାଶ ତଳେ ସମୟ ବିତାନ୍ତି ସେମାନେ ଗ୍ରୀଷ୍ମ ଲହରୀ ସମୟରେ ଅଧିକ ସଙ୍କଟରେ ପଡ଼ିଥାନ୍ତି ।

ପ୍ରାକୃତିକ ବିପର୍ଯ୍ୟୟ- ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ବେଶି ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ ।

ରୋଗବ୍ୟାଧି- ସ୍ୱାସ୍ଥ୍ୟସେବା ପହଁଚି ପାରେନି । ଅନ୍ୟମାନଙ୍କ ସେବାଯତ୍ନରେ ମହିଳାମାନଙ୍କୁ ଅଧିକ ସମୟ ବିତେଇବାକୁ ପଡ଼େ । ପୋଷା ଜୀବଜନ୍ତୁ ପ୍ରଭାବିତ ହୁଅନ୍ତି ।

ବିସ୍ଥାପନ- ସ୍ଥାନାନ୍ତରିତ ହେବାପାଇଁ ବାଧ୍ୟତାମୂଳକ ପରିସ୍ଥିତି ସୃଷ୍ଟି ହୁଏ । ମହିଳାଙ୍କ କାର୍ଯ୍ୟଭାର ବଢ଼ିଯାଏ । ପରିବେଶଗତ କାରଣରୁ ଖାଦ୍ୟଶସ୍ୟ ଉତ୍ପାଦନ ଏକପ୍ରକାର ଆହ୍ୱାନ ପାଲଟିଯାଏ ।

ସଂଘର୍ଷ- ଜୀବନହାନି, ମହିଳା ଓ ଶିଶୁବିରୋଧୀ ହିଂସା ବୃଦ୍ଧି ହୁଏ ।





# ପ୍ରଶମନ ଏବଂ ଅନୁକୂଳନ ପଦ୍ଧତି କ'ଣ ?



## ପ୍ରଶମନ:

ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା । ଆମର ଘର, ଅଫିସ୍, ଯାନବାହନ ପାଇଁ ସ୍ୱଚ୍ଛ ଇନ୍ଧନ ଶକ୍ତିର ବ୍ୟବହାର ଏବଂ ଆବର୍ଜନା ହ୍ରାସ ଦ୍ୱାରା ସବୁଜଗୃହ ବାଷ୍ପର ନିର୍ଗମନ କମେଇ ପାରିବା।

## ଅନୁକୂଳନ:

ବଦଳୁଥିବା ଜଳବାୟୁ ପରିସ୍ଥିତିରେ ବଂଚିବା ପାଇଁ ନିଜକୁ ପ୍ରସ୍ତୁତ କରିବା ବା ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ପ୍ରତିକୂଳ ପରିସ୍ଥିତି ଅନୁସାରେ ମଣିଷ ନିଜ କାର୍ଯ୍ୟକଳାପକୁ ଖାପ ଖୁଆଇବା।

ଆମେ କିପରି ଜଳବାୟୁ ପରିବର୍ତ୍ତନର ଧାରାକୁ ହ୍ରାସ କରି ପାରିବା

ଏଥିପାଇଁ ସବୁଠୁ ଅଧିକ ପ୍ରାସଙ୍ଗିକ ଉପାୟ ହେଲା ପ୍ରଶମନ । ପ୍ରଶମନ ଅର୍ଥ ସବୁଜଗୃହ ବାଷ୍ପ ବା ନିର୍ଦ୍ଦିଷ୍ଟ ଭାବରେ ଅଙ୍ଗାରକାମ୍ଳ, ମିଥେନ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଆମେ ବ୍ୟବହାର କରୁଥିବା ଶକ୍ତିଉତ୍ସକୁ ସମ୍ପୂର୍ଣ୍ଣ ବଦଳେଇ ଦେବା ବା ବିକଳ୍ପ ଶକ୍ତି ଉତ୍ସ ବ୍ୟବହାର କରିବା।

## ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଆମେ କ'ଣ କରିବା ?

ଏହାର ଜବାବ ହେଉଛି ଅନୁକୂଳନ । ଜଳବାୟୁ ପରିବର୍ତ୍ତନ ଦ୍ୱାରା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ ଏବଂ ଏହା ଘଟିବାର ଆଶଙ୍କା ଅଧିକ ବଢ଼ିଯାଏ । ଜଳବାୟୁ ପରିବର୍ତ୍ତନର ଅନୁକୂଳନ ଅର୍ଥ ଯଥେଷ୍ଟ ପୂର୍ବରୁ ବିଭିନ୍ନ ପ୍ରକାର ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା । ଭିତିଭୂମିକୁ ସୁଦୃଢ଼ କରିବା, ଏଥିପ୍ରତି ଏକ ସତର୍କ ବ୍ୟବସ୍ଥା ସୃଷ୍ଟି କରିବା ଏବଂ ତ୍ୱରିତ ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ନେବା ଦ୍ୱାରା ବିପର୍ଯ୍ୟୟ ପ୍ରଭାବର ମୁକାବିଲା କରିହେବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଉପୁଜୁଥିବା ସଙ୍କଟକୁ ହ୍ରାସ କରିବା ମଧ୍ୟ ସହଜ ହୋଇପାରିବ । ସଫଳ ଅନୁକୂଳନ ପାଇଁ ଭିତିଭୂମି ନିର୍ମାଣ ଏବଂ ନାଗରିକଙ୍କ ପାଇଁ ପ୍ରଣୟନ ହେଉଥିବା ନୀତିନିଷ୍ପତିରେ ସଂଶୋଧନ ଆଣିବାର ଆବଶ୍ୟକତା ରହିଛି ଯାହା ଯୋଜନାର ରୂପରେଖ ପ୍ରସ୍ତୁତ ସମୟରେ କରାଗଲେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ସହାୟକ ହୋଇପାରିବ।

## ଆଇପିସିସି କ'ଣ ?

ଆଇପିସିସି ବା ଇଂଟର ଗଭର୍ଣ୍ଣମେଂଟାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍ ବା ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃସରକାରୀ ସଂସ୍ଥା । ଏହା ହେଉଛି ଜାତିସଂଘର ଏକ ବିଶେଷଜ୍ଞ ସଂସ୍ଥା ଯାହା ପ୍ରତି ୫ ବର୍ଷରେ ଥରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବିଜ୍ଞାନ ବା ବୈଷୟିକ ବିଷୟର ସମୀକ୍ଷା କରିଥାଏ ଏବଂ ସେହି ଆଧାରରେ ଜଳବାୟୁ ପରିବର୍ତ୍ତନ, ଏହାର ପ୍ରଭାବ, ଭବିଷ୍ୟତର ସଙ୍କଟ ଏବଂ ଅନୁକୂଳନ ଓ ପ୍ରଶମନ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ସେ ବାବଦରେ ରିପୋର୍ଟ ପ୍ରସ୍ତୁତ କରିଥାଏ । ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ବିଷୟ ସମ୍ପର୍କିତ ସୂଚନା ଓ ଜ୍ଞାନର ମୂଲ୍ୟାଙ୍କନ ହୋଇଥାଏ ଏବଂ ସେସବୁ କିପରି ରାଜନେତା ତଥା ନୀତିନିର୍ଦ୍ଧାରକଙ୍କ ପାଇଁ ଉପଯୋଗୀ ହୋଇପାରିବ ସେହି ଅନୁସାରେ ସୂଚନାର ବିଶ୍ଲେଷଣ ମଧ୍ୟ କରାଯାଇଥାଏ ।

## ପ୍ୟାରିସ୍ ଚୁକ୍ତିନାମା କ'ଣ ?

ପ୍ୟାରିସ୍ ଚୁକ୍ତିନାମା ହେଉଛି ୨୦୧୫ରେ ଫ୍ରାନ୍ସର ପ୍ୟାରିସ୍‌ଠାରେ ଆୟୋଜିତ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ଉଙଚ୨୧)ରେ ସମସ୍ତ ଟଘରଃଉଉଉ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ଜଳବାୟୁ ସମ୍ପର୍କିତ ଏକ ଚୁକ୍ତି । ଏହି ଚୁକ୍ତିନାମାର ଉଦ୍ଦେଶ୍ୟ ହେଉଛି :-

୧-ଚଳିତ ଶତାବ୍ଦୀରେ ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ପ୍ରାକ୍-ଶିଳ୍ପବିପ୍ଲବ ସ୍ତରରୁ ୨ ଡିଗ୍ରୀ କିମ୍ବା ୧.୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ସୀମିତ ରଖିବା ।

୨- ବିପଦ ହ୍ରାସ କରିବା ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ସମସ୍ତ ଦେଶ ଓ ସେହିସବୁ ଦେଶର ଲୋକମାନଙ୍କ ସହନଶୀଳତାକୁ ସୁଦୃଢ଼ କରିବା ।

୩- ପ୍ରଥମ ଦୁଇଟି ଉଦ୍ଦେଶ୍ୟ ପାଇଁ ଆର୍ôଥକ ପ୍ରବାହ ନିୟମିତ ରହିବ ବୋଲି ସୁନିଶ୍ଚିତ କରିବା ।

**ପ୍ୟାରିସ୍ ଚୁକ୍ତିନାମା ବିଶ୍ୱକୁ କିପରି ୨୦୫୦ ସୁଦ୍ଧା ନ୍ୟୁନତମ ଅଙ୍ଗାରକାମ୍ଳ ନିର୍ଗମନ ସ୍ଥିତିରେ ରଖିହେବ ସେଥିପାଇଁ ଲକ୍ଷ୍ୟ ରଖିଛି ।**



## ଜଳବାୟୁ ପରିବର୍ତ୍ତନ ବିଷୟରେ କିପରି ପ୍ରଭାବଶାଳୀ ବ୍ୟାଖ୍ୟାନ ସୃଷ୍ଟି କରିବା

ଜଳବାୟୁ ପରିବର୍ତ୍ତନ କେବଳ ପରିବେଶଗତ ସମସ୍ୟା-ଏପରି ଭାବନାଠାରୁ ଦୂରେଇ ରୁହନ୍ତୁ

ଜଳବାୟୁ ପରିବର୍ତ୍ତନ ହେଉଛି ଆମର ନୂତନ ବାସ୍ତବତା । ଏହା ଏକ ବହୁମୁଖୀ ପ୍ରସଙ୍ଗ ଯାହାର ସମ୍ପର୍କ ଓ ପ୍ରଭାବ ସମାଜ, ରାଜନୀତି, ଅର୍ଥନୀତି, ଆଇନ, ସଂସ୍କୃତି ଏବଂ କ୍ରୀଡ଼ା ଉପରେ ମଧ୍ୟ ରହିଛି । ଏହାର ଅର୍ଥ ଆମର ରିପୋର୍ଟିଂ କେବଳ ପରିବେଶ ଏବଂ ବିଜ୍ଞାନ ପୃଷ୍ଠା ବା ବିଭାଗ ଭିତରେ ସୀମିତ ରହିବା ଉଚିତ୍ ନୁହେଁ । ଆମେ ଆମ ଦୃଷ୍ଟିଭଙ୍ଗୀ ଉଦାର ରଖି ସବୁବର୍ଗର ପାଠକ, ଦର୍ଶକଙ୍କ ପାଇଁ ଏ ଦିଗରେ ସମ୍ବେଦନଶୀଳତା ସୃଷ୍ଟି ହେବାଭଳି ଖବର ପ୍ରସ୍ତୁତି ବାବଦରେ ଚିନ୍ତା କରିବା ଉଚିତ୍ । ଜଳବାୟୁ ପରିବର୍ତ୍ତନ କ୍ରୀଡ଼ା ଖବରର କଭରେଜ୍‌ରେ ମଧ୍ୟ ଅନ୍ତର୍ଭୁକ୍ତ କରା ଯାଇପାରେ । ଗ୍ରୀଷ୍ମଲହରୀ ସହରରେ ପଡ଼ିଆରେ ଆୟୋଜିତ ହେଉଥିବା କ୍ରୀଡ଼ା ଉପରେ ପ୍ରଭାବ ପକାଏ କି ? ଏହା ଯୁବ ତଥା ନୂଆ ତରୁଣ ଖେଳାଳୀଙ୍କୁ କିପରି ପ୍ରଭାବିତ କରେ ?

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ରସଙ୍ଗକୁ ଏକ ସୁଯୋଗ ଭାବରେ ବ୍ୟବହାର କର ।

ଜଳବାୟୁ ପରିବର୍ତ୍ତନକୁ ହ୍ରାସ ବା ପ୍ରଶମନ କରିବା ପାଇଁ ବିଶେଷଜ୍ଞମାନେ ଦେଇଥିବା ଅନେକ ସମାଧାନ ପ୍ରସ୍ତାବ ଲୋକଙ୍କ ଜୀବନମାନର ଉନ୍ନତି ଓ କଲ୍ୟାଣ ସହିତ ସିଧାସଳଖ ଭାବରେ ଜଡ଼ିତ । ଉଦାହରଣସ୍ୱରୂପ, ଯଦି ଆମେ ସାଇକେଲ୍ ଚଳାଇବା ଏବଂ ଅଧିକ ଚାଲିବା ଭଳି କାର୍ଯ୍ୟ ମାଧ୍ୟମରେ ଆମ ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରିବା ତେବେ ଜୀବାଶ୍ମ ଇନ୍ଧନ ପାଇଁ ହେଉଥିବା ଅର୍ଥ ସଂଚୟ କରିପାରିବା ଏବଂ ଏହା ଦ୍ୱାରା ସ୍ୱାସ୍ଥ୍ୟର ମଧ୍ୟ ଉପକାର ହେବ । ରିପୋର୍ଟିଂ ବା ଖବର ପ୍ରସ୍ତୁତିରେ ଏପରି ସୂଚନା ସବୁ ଆକର୍ଷଣୀୟ ଲାଗିପାରେ । ଡିକାର୍ବୋନାଇଜେସନ୍ ପଲିସି ବା ଅଙ୍ଗାରକାମ୍ଳ ମୁକ୍ତ ନୀତି କିପରି ନିଯୁକ୍ତି ଆଶାୟୀ ଯୁବପିଢ଼ିଙ୍କ ନିଯୁକ୍ତି ସୃଷ୍ଟି ସହିତ ମଧ୍ୟ ସମ୍ପର୍କିତ ସେ ଦିଗ ଉପରେ ସାମ୍ବାଦିକମାନେ ଫୋକସ୍ କରିପାରିବେ । ସବୁଜଶକ୍ତି ପାଇଁ ସୋଲାର ପ୍ୟାନେଲ୍ ସ୍ଥାପନା ଅଧିକ ଲୋକପ୍ରିୟ ହେବାପରେ ଏହାର ବିଶେଷଜ୍ଞ ଏବଂ ଟେକ୍‌ନିଆସନମାନଙ୍କର କିପରି ଚାହିଦା ବଢ଼ିଛି ଏବଂ ଏ ଦିଗରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ତାହା ହେଉଛି ଏକ ବଡ଼ ଉଦାହରଣ । ଏପରି ଦୃଷ୍ଟିକୋଣ ରଖି ଆମେ ଖବର ବା ନ୍ୟୁଜ୍ ଷ୍ଟୋରୀ ପ୍ରସ୍ତୁତ କରିପାରିବା ଯାହା ଜଳବାୟୁ ପରିବର୍ତ୍ତନକୁ ହ୍ରାସକରିବା ଦିଗରେ ସୂଚନା ପ୍ରଦାନ ଓ ସଚେତନତା ସୃଷ୍ଟି କରିବା ଦିଗରେ ସହାୟକ ହେବ ଏବଂ ସକରାତ୍ମକ ପ୍ରତିକ୍ରିୟା ମଧ୍ୟ ମିଳିପାରିବ ।

